# Akashvani, Sambalpur

## SAMBALPURI NEWS EVENING BULLETIN

## 4 March 2025- 7.02 pm- 7.12 pm.

**********************************************

୧- ଦେଶର୍ ଶିକ୍ଷା ପ୍ରଣାଲୀ ବ୍ୟବସ୍ଥା ଭିତିକ ଆର୍ ବିଦ୍ୟାର୍ଥୀମାନ୍‌କର୍ ପ୍ରତିଭା ଆର୍ ଆବଶ୍ୟକତା ଅନ୍‌ସାରେ ହେବାର୍ ଦର୍‌କାର୍ କହେଲେ ରାଷ୍ଟ୍ରପତି ।

୨- ନିରନ୍ତର୍ ଚେରେଷ୍ଟା ବଲେ ଗଲା ୧୦ ବଛର୍ ଭିତ୍‌ରେ ବର୍‌କସ୍ ହେଇଛେ ଦେଶର୍ ଅର୍ଥନୀତି - କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଶାରୀରିକ୍ ପରୀକ୍ଷା ବେଲେ ଜୀବନ୍ ଯାଇଥିବା ୨ ଝନ୍ ପରୀକ୍ଷାର୍ଥୀଙ୍କର୍ ପରିବାର୍‌କେ ୪ ଲାଖ୍ ଟଙ୍କା ଲେଖା ସାହାଜ୍ ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ବଢ଼ିଚାଲିଛେ ତାତି- ୩୯ ଡିଗ୍ରୀ ତାପମାତ୍ରା ସହେତେ ଝାର୍‌ସୁଗୁଡ଼ା ଆଏଜ୍ ସବୁନୁ ତତ୍‌ଲା ସହର୍ ।

ଭିଜିଟର୍ସ ସମ୍ମିଳନୀ ଏକ୍ସ

ଭାରତ୍‌ର ଶିକ୍ଷା ପ୍ରଣାଲୀ ବ୍ୟବସ୍ଥା ଭିତିକ ଆର୍ ବିଦ୍ୟାର୍ଥୀମାନ୍‌କର୍ ପ୍ରତିଭା ଆର୍ ଆବଶ୍ୟକତା ଅନ୍‌ସାରେ ହେବାର୍ ଦର୍‌କାର୍ । ଯେନ୍‌ଟାକି ଆହ୍ୱାନ୍‌ପୂର୍ଣ୍ଣ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ରାଷ୍ଟ୍ରପତି ଭବନ୍‌ଠାନେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ଆୟୋଜିତ୍ ଦୁଇଦିନିଆ ଭିଜିଟର୍ସ ସମ୍ମିଳନୀ-୨୦୨୪-୨୫ର ଉଦ୍‌ଯାପନୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦେଶେ ବିଶ୍ୱସ୍ତରୀୟ ଶିକ୍ଷା ପରିବେଶ୍ ସୃଷ୍ଟି କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି କହିଛନ୍,

(ଭଏସ୍ ଓଭର୍-ରାଷ୍ଟ୍ରପତି)

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ସମ୍ମିଳନୀଥି ଶିକ୍ଷାବିତ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଆର୍ ମାର୍ଗଦର୍ଶନ୍ ଦେଶର୍ ଉଜ୍ଜ୍ୱଲ୍ ଭବିଷ୍ୟତ୍ ଗଠନ୍ କର୍‌ବାର୍ ଦିଗେ ସାହାଜ୍ କର୍‌ବା ବଲି କହିଛନ୍ ।

ପିଏମ୍ ୱେବିନାର୍ ପି.ଆଇ.ବି.

ଆତ୍ମନିର୍ଭର୍ ଭାରତ୍‌ର ଲକ୍ଷ୍ୟ ନେଇକରି ସର୍‌କାର୍ କାମ୍ କରୁଛନ୍ ଆଉ ସଂସ୍କାର୍‌ର ଗତିକେ ତୁର୍‌ତି କରାଯାଉଥିବାର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସେ କହିଛନ୍, ଦେଶ୍ ଗଲା ୧୦ ବଛର୍ ଭିତ୍‌ରେ ସଂସ୍କାର୍, ଆର୍ଥିକ୍ ଶୃଙ୍ଖଲା, ସ୍ୱଚ୍ଛତା ଆର୍ ସମାବେଶୀ ଅଭିବୃଦ୍ଧି ଲାଗି ନିଜର୍ ପ୍ରତିବଦ୍ଧତାକେ ପ୍ରଦର୍ଶିତ୍ କରିଆସୁଛେ । ବଜେଟ୍ ଉତ୍‌ରର୍ ୱେବିନାର୍‌କେ ସମ୍ବୋଧିତ୍ କରିକରି ଆଏଜ୍ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଦେଶ୍ ଅଭିବୃଦ୍ଧି ଉତ୍ପାଦନ୍, ରପ୍ତାନୀ ଆର୍ ପରମାଣୁ ଶକ୍ତିର୍ ଇଞ୍ଜିନ୍ ଭାବେ ଉଭା ହେଇଛେ । ସର୍‌କାର୍‌ଙ୍କର୍ ନିରନ୍ତର୍ ଚେରେଷ୍ଟା ଲାଗି କୋଭିଡ୍‌ର ପ୍ରଭାବ୍ ଆମର୍ ଅର୍ଥନୀତିକେ ଜହ କ୍ଷତି ନାଇଁ ପୁହୁଁଚେଇପାରି । ଯେନ୍‌ଥିର୍‌ଲାଗି ଭାରତ୍ ଗୁଟେ ଅଭିବୃଦ୍ଧି ଶୀଳ ଅର୍ଥନୀତି ହେଇପାରିଛେ । ପୁର୍‌ଥିର୍ ଭିନ୍ ଭିନ୍ ଦେଶ୍ ଭାରତ୍ ସହେତେ ସେମାନ୍‌କର୍ ଅର୍ଥନୈତିକ୍ ଭାଗିଦାରୀକେ ବର୍‌କସ୍ କର୍‌ବାର୍ ଲାଗି ଚାହୁଁଛନ୍ । ଅର୍ଥନୀତିଥି ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱ ଉପ୍‌ରେ ନଜର୍ ପକେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଦେଶର୍ ଅର୍ଥନୈତିକ୍ ଅଭିବୃଦ୍ଧିଥି ଇଟା ଗୁଟେ ପରିବର୍ତନ୍‌କାରୀ ର ଭୂମିକା ନେବା ।

ଇସିଆଇ କନ୍‌ଫରେନ୍ସ-ନିର୍ବାଚନ୍ ଆୟୋଗ

ଆର୍‌ଏନ୍‌ୟୁ/ କଟକ୍

ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ମୁଖ୍ୟ ନିର୍ବାଚନ୍ ଅଧିକାରୀମାନ୍‌କର୍ ଗୁଟେ ୨ ଦିନିଆ ବୈଠକ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ନୂଆଦିଲ୍ଲୀ ଠାନେ ଚାଲିଥିବା ଇ ବୈଠକ୍‌ଥି ନିର୍ବାଚନ୍ ପରିଚାଲନାଥି ଅତ୍ୟାଧୁନିକ୍ ପ୍ରଯୁକ୍ତିବିଦ୍ୟାର୍ ବେଭାର୍ ଆଉ ଇ କ୍ଷେତ୍ରଥି ରହିଥିବା ଭିନ୍ ଭିନ୍ ଆହ୍ୱାନ୍ ମାନ୍‌କର୍ ତୁର୍‌ତି ସମାଧାନ୍ ବାବ୍‌ଦେ ଆଲୋଚନା କରାଯାଉଛେ । ଜ୍ଞାନେଶ୍ କୁମାର୍ ଦେଶର୍ ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ଭାବେ ଦାୟିତ୍ୱ ନେବାର୍ ଉତ୍‌ରୁ ଇଟା ତାଙ୍କର୍ ପହେଲା ବୈଠକ୍ । ନିର୍ବାଚନ୍ ପରିଚାଲନାଥି ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାମାନ୍‌କେ ଗ୍ରହଣ୍ କରାଯାଇଥିବା ପଦକ୍ଷେପ୍ ମାନ୍‌କର୍‌ନୁ ମିଲିଥିବା ଅଭିଜ୍ଞତା ଉପ୍‌ରେ ବୈଠକ୍‌ଥି କଥାବାର୍ତା ହେବା ।

ମୁଖ୍ୟମନ୍ତ୍ରୀ- ବ୍ରହ୍ମପୁର୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆନ୍ତର୍ଜାତିକ ମହିଳା ଦିବସ୍ ଅବ୍‌ସରେ ବ୍ରହ୍ମପୁର୍ ଯାଇକରି ଗୁଟେ ଜନସଭାଥି ଯୋଗ୍ ଦେବେ । ସେହିଦିନ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ଦିଆଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ଖଣି ଆଉ ଇସ୍ପାତ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ବିଧାୟକ୍ କେ. ଅନୀଲ୍ କୁମାର୍, ଡକ୍ଟର୍ ସିଦ୍ଧାନ୍ତ ମହାପାତ୍ର,

ଜିଲ୍ଲାପାଲ୍ ଆଉ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଗଲାକାଏଲ୍ କ୍ଷେତ୍ର ପରିଦର୍ଶନ୍ କରିକରି ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତ ଆଘୋନୁ ପ୍ରସ୍ତୁତିର୍ ସମୀକ୍ଷା କରିଛନ୍ ।

ମୁଖ୍ୟମନ୍ତ୍ରୀ- ରିଲିଫ୍ I&PR

ସୁନ୍ଦରଗଡ଼ ଆଉ କେନ୍ଦୁଝରଠାନେ ଫରେଷ୍ଟର୍, ଫରେଷ୍ଟ ଗାର୍ଡ ଆଉ ଲାଇଭ୍ ଷ୍ଟକ୍ ଇନ୍ସପେକ୍ଟର ନିଯୁକ୍ତି ଲାଗି ଶାରୀରିକ୍ ପରୀକ୍ଷା ଚାଲିଥିଲା ବେଲ୍କେ ଦୁଇଝନ୍ ଆଶାୟୀ ପରୀକ୍ଷାର୍ଥୀଙ୍କର୍ ମୃତ୍ୟୁ ଘଟ୍ନାଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ । ମୃତକଙ୍କର୍ ପରିବାରକେ ସମବେଦନା ଜନାବାର୍ ସଙ୍ଗେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଟଙ୍କା ଘୋଷ୍ନା କରିଛନ୍ । ଇନ ଜନେଇ ଦିଆୟାଇପାରେ ଯେ, ଇ ଶାରୀରିକ ପରୀକ୍ଷା ବେଲେ ସୁନ୍ଦରଗଡ଼ ନ ଝନେ ଆର୍ କେନ୍ଦୁଝର ନ ଝନ୍କର୍ ଜୀବନ୍ ଯାଇଥିଲା ।

ବିଲ୍ ଦାଖଲ୍ ସମିଆ ଆର୍ଏନ୍ୟୁ/ କଟକ୍

୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ଆର୍ଥିକ୍ କାର୍ବାର୍ ବିଲ୍ ଦାଖଲ୍ କର୍ବାର୍ ସମିଆକେ ଆଏବା ୭ ତାରିଖ୍ତକ୍

ବଢ଼ାଯାଇଛେ । ଇ ସମିଆ ଭିତ୍‌ରେ ବଜେଟ୍‌ଥି ମଞ୍ଜୁର୍ ହେଇଥିବା ବ୍ୟୟବରାଦ୍ ଖର୍ଚ୍ଚା କରାଯିବାର୍ ସହେତେ ଆର୍ଥିକ୍ କାର୍‌ବାର୍ ପ୍ରକ୍ରିୟା ଶେଷ୍ କର୍‌ବାର୍‌କେ ଅର୍ଥ ବିଭାଗ୍ ତର୍‌ଫୁ ସବୁ ବିଭାଗ୍ ମାନ୍‌କୁ ଜନେଇ ଦିଆଯାଇଛେ ।

ସୁଭଦ୍ରା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସାରା ରାଜ୍ୟର୍ ପଂଚାୟତ୍ ମାନ୍‌କେ ଆଏବା କାଏଲ୍ ସୁଭଦ୍ରା ହିତାଧିକାରୀମାନ୍‌କର୍ ରେଲି ହେବା । ଶୋଭାଯାତ୍ରା ପଂଚାୟତ୍ କାର୍ଯ୍ୟାଳୟମାନ୍‌କର୍‌ନ ବାହାରିକରି ଆଖର୍‌ପାଖର୍ ଗାଁମାନ୍‌କେ ବୁଲ୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଗୁରୁବାର୍ ଦିନ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୫ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ଦିଆଯିବା । ସେନ୍ତା ମାର୍ଚ୍ଚ ୮ ତାରିଖ୍ ୨ ନମ୍ବର୍ କିସ୍ତିର୍ ପହେଲା ଖେପ୍ ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ବଂଟାଯିବା । ସେଆଡ଼େ ନୂଆଁ ହିତାଧିକାରୀମାନେ ଆଏବା ରାକ୍ଷୀପୁନି ବେଲ୍‌କେ ଏକାଥର୍‌କେ ୩ ଟା ଯାକ କିସ୍ତିର୍ ସାହାଜ୍ ଟଙ୍କା ପାଇପାର୍‌ବେ ବଲି ମହିଳା ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପଂଚାୟତିରାଜ୍ ଦିବସ I&PR

ରାଜ୍ୟ ସର୍କାର୍ ଏପ୍ରିଲ୍ ୨୪ ତାରିଖ ଦିନ ପଂଚାୟତିରାଜ୍ ଦିବସ୍ ପାଲନ୍ କର୍ବାର୍କେ ବଲି ନିଷ୍ପତି ନେଇଛନ୍ । ଆଘୋନୁ ମାର୍ଚ୍ଚ ୫ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଉଥିଲା । ସେନ୍ତା ଲୋକ୍ସେବା ଦିବସ୍କେ ଭିଲ୍ ଏପ୍ରିଲ୍ ୨୪ ତାରିଖ୍ ଦିନ ପାଲନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବାବଦ୍‌ର ଗୁଟେ ପ୍ରସ୍ତାବ୍କେ ଅନୁମୋଦନ୍ କରିଛନ୍ । ଜାତୀୟ ଆଉ ରାଜ୍ୟସ୍ତର୍‌ଥି ପଂଚାୟତିରାଜ୍ ଦିବସ୍ ଏକାସାଙ୍ଗେ ପାଲନ୍ କର୍ବାର୍ ଲାଗି ରାଜ୍ୟ ସର୍କାର୍ ଇ ନିଷ୍ପତି ନେଇଛନ୍ । ସେଆଢ଼େ ଆଏବା କାଏଲ୍ ଓଡ଼ିଶାର୍ ବରପୁତ୍ର ବିଜୁ ପଟ୍ଟନାୟକଙ୍କର୍ ଜୟନ୍ତୀକେ ମହାସମାରୋହ୍‌ଥି ପାଲନ୍ କରାଯିବା ହେଲେ ସେଦିନ ସର୍କାରୀ ଛୁଟି ନାଇଁ ହୁଏ ବଲି ସର୍କାର୍ କହିଛନ୍ ।

ବିଜୁ ପଟ୍ଟନାୟକ୍- ଜୟନ୍ତୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍କାର୍‌ଙ୍କର୍ ତର୍ଫୁ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ବିଜୁ ପଟ୍ଟନାୟକ୍‌ଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ପାଲନ୍ କରାଯିବା । ସମାରୋହ୍‌ଥି ସାମିଲ୍ ହେବାର୍କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ

ବିରୋଧୀ ଦଳ୍ ନେତା ନବୀନ୍ ପଟ୍ଟନାୟକ୍ଙ୍କୁ ଚିଠି ଲେଖିକରି ନିଉତା ଦେଇଛନ୍ ।

ବନକଲାଗି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ନ ଆଏବା କାଏଲ୍ ଫଗୁନ୍ ମାସର୍ ଶୁକ୍ଲପକ୍ଷ ଷଷ୍ଠୀ ତିଥି ନ ଶ୍ରୀବିଗ୍ରହମାନ୍କର୍ ବନକଲାଗି ନୀତି ହେବା । ଇଥିର୍ଲାଗି ଦ୍ୱିତୀୟ ଭୋଗ ମଣ୍ଡପ୍ ଭୋଗ ସର୍ବାର୍ ଉତ୍ରୁ ପାଖାପାଖି ବେଲ୍ବୁଡ଼ର୍ ୫ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା । ଇ ବାବ୍ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ନେପାଲୀ ଛାତ୍ରୀ ମୃତ୍ୟୁ ଘଟ୍ନା ହି.ସ.

ଜାତୀୟ ମାନବାଧିକାର ଆୟୋଗ-ଏନ୍ଏଚ୍ଆର୍ସି ଭୁବନେଶ୍ୱରରର ଗୁଟେ ଘରୋଇ ବିଶ୍ୱବିଦ୍ୟାଳୟନ ନେପାଲୀ ଛାତ୍ରୀଙ୍କ ଆତ୍ମହତ୍ୟା ଆଉ ଅଲ୍ଗା ନେପାଲୀ ଛାତ୍ରଛାତ୍ରୀଙ୍କୁ ମାଡ଼୍ ଅଭିଯୋଗ୍ ଘଟ୍ନାର କ୍ଷେତ୍ରୀୟ ତଦନ୍ତ କର୍ବେ । ଘଟ୍ନାର ଟିକ୍ନିଖ୍ ତଦନ୍ତ କର୍ବାର୍କେ ଏନ୍ଏଚ୍ଆର୍ସି ତର୍ଫୁ ରାଜ୍ୟ ତଦନ୍ତ ବିଭାଗ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ଉଚ୍ଚସ୍ତରୀୟ

ଟିମ୍ ତଦନ୍ତ କରି କରି ଆଏବା ୧୦ ତାରିଖ୍ ଭିତ୍‌ରେ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ଆୟୋଗ୍ କହିଛନ୍ । ତଦନ୍ତ କାମ୍‌ଥି ସହଯୋଗ୍ କର୍‌ବାର୍‌କେ ରେଜିଷ୍ଟ୍ରାର୍‌ଙ୍କୁ ଭିଲ୍ ଆୟୋଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଏନ୍‌ଏଚ୍‌ଆର୍‌ସି ସଦସ୍ୟ ପ୍ରିୟଙ୍କ୍ କାନୁନ୍‌ଗୋ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ ଘଟ୍‌ନାର୍ ତଦନ୍ତ କର୍‌ବାର୍ ଲାଗି ଭାରତର୍ ମାନବାଧିକାର ଆୟୋଗ୍‌କେ ନେପାଳର ଜାତୀୟ ମାନବାଧିକାର ଆୟୋଗ୍ ଲିଖିତ୍ ଅନୁରୋଧ୍ କରିଥିଲେ ।

ବିଶ୍ୱ ମେଦ ବହୁଲତା ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ମେଦ ବହୁଲତା ଗୁଟେ ରୋଗ୍ ନାଇଁ ହେଲେ ଭିଲ୍ ଇଟା ବହୁତ୍‌ଟେ ରୋଗ୍‌ର କାରଣ୍ ଭାବେ ଚିହ୍ନଟ୍ କରାଯାଇଛେ । ମେଦବହୁଳତାର୍ କାରଣ୍ ଆର୍ ଇତାକେ ନିୟନ୍ତ୍ରଣ୍ କର୍‌ବାର୍ ଲାଗି ଜନସଚେତନତା ବଢ଼ାବାର୍ ଉଦ୍ଦେଶ୍ୟ‌ଥି ଆଏଜ୍ ବିଶ୍ୱ ମେଦ ବହୁଲତା ଦିବସ୍ ପାଲନ୍ କରାଯାଉଛେ । ୨୦୨୦ ମସିହାନୁ ଫି' ବଛର୍ ମାର୍ଚ୍ଚ ୪ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାହେଇଆସୁଛେ । ପରିବର୍ତ୍ତିତ୍ ପରିସ୍ଥିତି ଆଉ ସ୍ୱାସ୍ଥ୍ୟକର ଜୀବନ୍ ହେଉଛେ ଇ ବଛର୍‌ର ବିଷୟବସ୍ତୁ । ଇ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲକ୍ଷ୍ୟ ନେଇକରି

ଆଏଜ୍ ରାଜ୍ୟର ଭିନ୍ ଭିନ୍ ଜାଗା ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ବଲାଙ୍ଗିର୍- ନୂଆ ଏସ୍.ପି. ହି.ସ.

ବଲାଙ୍ଗୀରର ନୂଆ ଆରକ୍ଷୀ ଅଧିକ୍ଷକ୍ ଭାବେ ଅଭିଳାଷ ଜୀ' ଆଏଜ୍ ଦାୟିତ୍ୱ ନେଇଛନ୍ । ଦାୟିତ୍ୱ ନେବାର୍ ଉତ୍ରୁ ଜିଲ୍ଲାନ ଆଇନ ଶୃଙ୍ଖଳା ଥିତି, ଅପରାଧ ଆର୍ ଟ୍ରାଫିକ୍ ନିୟନ୍ତ୍ରଣ, ଶିଶୁ ଆଉ ମହିଳା ସୁରକ୍ଷା, ସାଇବର୍ ଅପରାଧ୍ ନିୟନ୍ତ୍ରଣ ଉପ୍ରେ ଖାସ୍ ଧ୍ୟାନ୍ ଦେବେ ବଲି ଶ୍ରୀ ଅଭିଳାଷ କହିଛନ୍ ।

ନୂଆଁ ଅପରାଧୀକ ଆଇନ୍ ସଚେତନତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଳୟ ନ ନୂଆଁ ଅପରାଧୀକ ଆଇନ୍‌ର କାର୍ଯ୍ୟକାରିତା ବାବ୍‌ଦେ ସଚେତନତା ଲାଗି ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ମହାବିଦ୍ୟାଳୟର୍ ଅଧ୍ୟକ୍ଷ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ସମାଜ୍‌ଥି ଦେଖାଦେଇଥିବା ସମସ୍ୟା, ସାଇବର୍ ଅପରାଧ, ଠକେଇ ବାବ୍‌ଦେ ସୂଚ୍‌ନା ଦେବାର୍ ସହେତେ ନୂଆଁ ଆଇନ୍‌ର ବେଭାର୍ ବାବ୍‌ଦେ ଜାନ୍‌ବାର୍ ଜରୁରୀ ଆଏ ବଲି କହିଥିଲେ ।

ଉଦନ୍ତି ମହୋତ୍ସବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପ୍ରସିଦ୍ଧ ଉଦନ୍ତି ମହୋତ୍ସବ୍ ପାଲନ୍ ଲାଗି ପ୍ରସ୍ତୁତି ମୁଲ୍ ହେଇଛେ । ସିନାପାଲି ପଂଚାୟତ୍ ସମିତି ପରିସର୍ ନ ମହୋତ୍ସବ୍ ଆୟୋଜନ୍ କମିଟି ଗଠନ୍ କରାହେଇଛେ । ଇ ମାସ୍ ଶେଷ୍ତକ୍ ମହୋତ୍ସବ୍ ପାଲନ୍ କର୍ବାର୍କେ ବୈଠକ୍ ନ ନିଷ୍ପତି ହେଇଛେ ।

ଶିଶୁ ସୁରକ୍ଷା କର୍ମଶାଳା ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ର ବୟନ ଶିଳ୍ପ ଉପ ନିର୍ଦ୍ଦେଶକଙ୍କର୍ କାର୍ଯ୍ୟାଳୟ ନ ଶିଶୁ ସୁରକ୍ଷା ଉପ୍ରେ ଆଏଜ୍ ଗୁଟେ କର୍ମଶାଳା ହେଇଯାଇଛେ । ଇ କର୍ମଶାଳାଥି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତର୍ଫୁ ହେଇଥିବା ଶିଶୁ ମଙ୍ଗଳ ସମିତି, ଶିଶୁ ସୁରକ୍ଷା ବାବଦ୍ ଯୋଜ୍ନା, ପିଲାମାନ୍କର୍ ଯତନ୍ ଆର୍ ସୁରକ୍ଷା ଆର୍ ଥଇଥାନ୍ ଉପ୍ରେ ଆଲୋଚନା କରାଯାଇଥିଲା ।

ବୌଦ୍ଧ - ଡି.ଏସ୍.କପ୍ ଫୁଟ୍ବଲ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ଠାନେ ୧୬ ନମ୍ବର୍ ସର୍ବଭାରତୀୟ ଡି.ଏସ୍.କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ବର୍‌ଗଡ୍ ଆର୍ ବୌଦ୍ଧ ଜିଲ୍ଲା ଫୁଟ୍‌ବଲ୍ ଦଲ୍ ଭିତ୍‌ରେ ମେଚ୍ ହେଇଛେ । ଆଝିରର୍ ଖେଲ୍‌ଥି ୩/ଶୂନ୍ ଗୋଲ୍‌ଥି ବୌଦ୍ଧକେ ହରେଇକରି ବର୍‌ଗଡ୍ ୨ ନମ୍ବର୍ ଦଲ୍ ଭାବେ ସେମିଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ପହେଲା ସେମିଫାଇନାଲ୍ ଏମ୍‌ଇଜି ସେଂଟର୍, ବେଙ୍ଗାଲୁରୁ ଆର୍ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ବର୍‌ଗଡ୍ ଭିତ୍‌ରେ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ରାଏଜେ ବଢ଼ି ଚାଲିଛେ ତାପମାତ୍ରା । ଆଏବା ୪/୫ ଦିନ୍ ତାପମାତ୍ରା ନାଇଁ ବଦ୍‌ଲେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଦିନର୍ ତାପମାତ୍ରା ୩୯ ଡିଗ୍ରୀ ସହେତେ ଝାର୍‌ସୁଗୁଡ଼ା ଆଏଜ୍ ରାଜ୍ୟର୍ ସବୁନୁ ତତ୍‌ଲା ସହର୍ ପାଲ୍‌ଟିଥିଲା ।

ସେନ୍ତା ବୌଦ୍ଧ ନ ୩୮ ଦଶ୍‌ମିକ୍ ୫, ସମ୍ବଲ୍‌ପୁର୍ ନ ୩୭ ଦଶ୍‌ମିକ୍ ୮, ବଲାଙ୍ଗିର ନ ୩୭ ଦଶ୍‌ମିକ୍ ୫, ହୀରାକୁଦ୍ ନ ୩୭ ଦଶ୍‌ମିକ୍ ୧ , ଟିଟିଲାଗଡ୍ ନ ୩୭, ସୁନ୍ଦର୍‌ଗଡ୍ ନ ୩୬ ଦଶ୍‌ମିକ୍ ୯, ସୁବର୍ଣ୍ଣପୁର୍ ୩୬ ଦଶ୍‌ମିକ୍ ୭, ରାଉର୍‌କେଲା

ନ ୩୬ ଦଶ୍ମିକ୍ ୨  ଆର୍ ଭବାନୀପାଟ୍ନା  ନ ୩୬ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।